# NATIONAL NEWS BULLETIN (ODIA)
## 31st August - 2026
## Evening Bulletin : 7.15 p.m.

*********************************

ଆକାଶବାଣୀ..... ସମ୍ବାଦ ପଢ଼ୁଛନ୍ତି..... **ଚନ୍ଦନ ଘୋଷ**

## ମୁଖ୍ୟ ସମ୍ବାଦ

- ବିସ୍‌କେକ୍‌ଠାରେ ଆୟୋଜିତ ୨୬ତମ ସାଂଘାଇ ସହଯୋଗ ସଙ୍ଗଠନ ସମ୍ମିଳନୀକୁ ଆସନ୍ତାକାଲି ସମ୍ବୋଧିତ କରିବେ ପ୍ରଧାନମନ୍ତ୍ରୀ ।
- ୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମ ତ୍ରୟମାସରେ ଦେଶର ଜି.ଡି.ପି. ଅଭିବୃଦ୍ଧି ହାର ରହିଛି ୭ ଦଶମିକ ୮ ପ୍ରତିଶତ ।

— ଏହି ଦୃଷ୍ଟାନ୍ତମୂଳକ ସଫଳତା' ସରକାରଙ୍କ ବିଭିନ୍ନ ଆର୍ଥିକ ସଂସ୍କାରମୂଳକ ପଦକ୍ଷେପ ଓ ଦେଶବାସୀଙ୍କ ଏକ୍ଷେତ୍ରରେ ସାମୂହିକ ଶକ୍ତିର ପ୍ରତିଫଳନ; କହିଲେ ପ୍ରଧାନମନ୍ତ୍ରୀ ।

- ଦେଶରେ ଚିପ୍ ବିନିର୍ମାଣ ଇକୋ-ସିଷ୍ଟମ୍‌କୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ସରକାର ଆଜି ଜାରି କଲେ ସେମିକନ୍-୨.୦ ଯୋଜନା ସମ୍ପର୍କିତ ଅଧିସୂଚନା ।

- ଭି.ବି.ଜି. ରାମ୍ ଜି. ଆଇନ-୨୦୨୫ର ସଫଳ କାର୍ଯ୍ୟକାରିତ ନେଇ ଦେଶବ୍ୟାପୀ ଆୟୋଜିତ ହୋଇଛି ୧ ହଜାର ୩ଶହରୁ ଊର୍ଦ୍ଧ୍ୱ ପଞ୍ଚ୍ ସମ୍ମିଳନୀ ।

ଏବଂ

- WTT ଫିଡର୍ ଓଲୋମୌକ୍ ଟୁର୍ଣ୍ଣାମେଣ୍ଟର ପୁରୁଷ ସିଙ୍ଗଲ୍ସ ବର୍ଗରେ ପ୍ରଥମ ଥର ଲାଗି ଟାଇଟଲ୍ ହାସଲ କଲେ ଭାରତ ଅଙ୍କୁର ଭଟ୍ଟାଚାର୍ଯ୍ୟ ।

## ପି.ଏମ୍. - ବିସ୍‌କେକ୍ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି କିର୍‌ଗିଜ୍ ଗଣତନ୍ତ୍ରର ରାଷ୍ଟ୍ରପତି ସାଦିର୍ ଝାପାରୋଭ୍'ଙ୍କ ସହିତ ଦ୍ୱିପକ୍ଷୀୟ ବୈଠକ କରିଛନ୍ତି । ବିସ୍‌କେକ୍‌ଠାରେ ଆୟୋଜିତ ସାଂଘାଇ ସହଯୋଗ ସଙ୍ଗଠନ ସମ୍ମିଳନୀରେ ଯୋଗଦେବା ଲାଗି ସମ୍ପ୍ରତି  ଶ୍ରୀ ମୋଦିଙ୍କର କିର୍‌ଗିଜ୍‌ସ୍ତାନ ଗସ୍ତ ଅବସରରେ ହୋଇଥିବା ଏହି ବୈଠକରେ ଉଭୟ ନେତା ଦୁଇଦେଶ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ଜାରି ରହିଥିବା ସହଯୋଗର ସମୀକ୍ଷା କରିଛନ୍ତି । ଭାରତ ଓ କିର୍‌ଗିଜ୍‌ସ୍ତାନ ମଧ୍ୟରେ ରଣନୈତିକ ଭାଗିଦାରୀକୁ ଅଧିକ ସଶକ୍ତ କରିବା ଦିଗରେ ଉଭୟ ନେତା ଏହି ଅବସରରେ ନିଜର ପ୍ରତିବଦ୍ଧତା ଜାହିର କରିଛନ୍ତି । ଏତଦ୍‌ବ୍ୟତୀତ ଅର୍ଥନୈତିକ, ବାଣିଜ୍ୟ, ସାଂସ୍କୃତିକ ଓ ଶିକ୍ଷା

କ୍ଷେତ୍ରରେ ଦୁଇଦେଶ ମଧ୍ୟରେ ସହଯୋଗକୁ ଅଧିକ ସମ୍ପ୍ରସାରିତ କରିବା ସହିତ ଜନ ସମ୍ପର୍କକୁ ସଶକ୍ତ କରିବା ଉପରେ ମଧ୍ୟ ଉଭୟଦେଶର ନେତୃବୃନ୍ଦ ଏହି ବୈଠକରେ ଆଲୋଚନା କରିଛନ୍ତି ।

ପୂର୍ବରୁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି' ସାଂଘାଇ ସହଯୋଗ ସଙ୍ଗଠନ ବୈଠକ ଅବସରରେ ଇରାନ୍ ରାଷ୍ଟ୍ରପତି ଡକ୍ଟର ମାସୁଦ୍ ପେଜେସ୍କିଆନ୍‌ଙ୍କ ସହିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିଛନ୍ତି । ଦୁଇନେତା ବିଭିନ୍ନ ଦ୍ୱିପକ୍ଷୀୟ ସମ୍ପର୍କର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିବା ସହିତ ପଶ୍ଚିମ ଏସିଆ ବିବାଦର ସାମ୍ପ୍ରତିକ ସ୍ଥିତି ଉପରେ ମତ ବିନିମୟ କରିଛନ୍ତି । ସମ୍ପୃକ୍ତ ଅଞ୍ଚଳରେ ଏଥିଲାଗି ଜାରି ରହିଥିବା ଉତ୍ତେଜନା ସ୍ଥିତିକୁ ନେଇ ପ୍ରଧାନମନ୍ତ୍ରୀ ଉଦ୍‌ବେଗ ପ୍ରକାଶ କରିବା ସହିତ କଥାବାର୍ତ୍ତା ଏବଂ କୂଟନୀତି ମାଧ୍ୟମରେ ସମସ୍ତ ପ୍ରକାର ବିବାଦର ସମାଧାନ କରିବା ସପକ୍ଷରେ ଭାରତର ଆଭିମୁଖ୍ୟ ଦୋହରାଇଛନ୍ତି । ଏତଦ୍‌ବ୍ୟତୀତ ସମ୍ପୃକ୍ତ ଅଞ୍ଚଳରେ ଶାନ୍ତି ଓ ସ୍ଥିରତା ସୁନିଶ୍ଚିତ କରିବା ଦିଗରେ ସମସ୍ତ ପ୍ରଚେଷ୍ଟା କରିବାର ଆବଶ୍ୟକତା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି । ବିଶ୍ୱରେ ଜାହାଜ ଚଳାଚଳ ଏବଂ ବାଣିଜ୍ୟ କାରବାକୁ ସୁରକ୍ଷିତ ରଖିବା ସହିତ ସାଧାରଣ ନାଗରିକ ଓ ସାଧାରଣ ଭିତ୍ତିଭୂମି ତଥା ବାଣିଜ୍ୟିକ ଜାହାଜ ଚଳାଚଳ ଓ ନାବିକମାନେ ଯେଭଳି କୌଣସି ପରିସ୍ଥିତିରେ ମଧ୍ୟ ଯେଭଳି ବିପଦଗ୍ରସ୍ତ ନ ହୁଅନ୍ତି, ସେଥିଲାଗି ଆବଶ୍ୟକ ପଦକ୍ଷେପ ନେବା ଉପରେ ଶ୍ରୀ ମୋଦି ଗୁରୁତ୍ୱ ଦେଇଛନ୍ତି ।

ଏହି ଅବସରରେ ଶ୍ରୀ ମୋଦି ତାଙ୍କର ଆର୍ମେନିଆ ପ୍ରତିପକ୍ଷ ନିକଲ୍ ପାଶିନ୍ୟାନ୍'ଙ୍କ ସହିତ ସାକ୍ଷାତ୍ କରି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି । ବିଶେଷକରି ଭାରତ-ଆର୍ମେନିଆ ମଧ୍ୟରେ ପ୍ରତିରକ୍ଷା, ଅର୍ଥନୀତି, ଔଷଧ, ବିଜ୍ଞାନ ଓ କାରିଗରୀ କୌଶଳ, ସଂସ୍କୃତି ଓ ଶିକ୍ଷା ଆଦି କ୍ଷେତ୍ରରେ ଦ୍ୱିପକ୍ଷୀୟ ସହଯୋଗକୁ ଅଧିକ ସଶକ୍ତ କରିବା ଉପରେ ଦୁଇ ନେତା ନିଜ ନିଜର ସୁଚିନ୍ତିତ ମତାମତ ବ୍ୟକ୍ତ କରିଛନ୍ତି । ଏହାଛଡ଼ା ଉଭୟ ନେତା ବିଭିନ୍ନ ଆଞ୍ଚଳିକ ଓ ବୈଶ୍ୱିକ ପ୍ରସଙ୍ଗ ସମେତ ପଶ୍ଚିମ ଏସିଆର ସାମ୍ପ୍ରତିକ ସ୍ଥିତି ଉପରେ ମଧ୍ୟ ମତ ବିନିମୟ କରିଛନ୍ତି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଦୁଇଦିନିଆ କିର୍‌ଗିଜ୍‌ସ୍ତାନ ଗସ୍ତରେ ଯାଇ ଆସନ୍ତାକାଲି ୨୬ତମ ସାଙ୍ଘାଇ ସହଯୋଗ ସଙ୍ଗଠନ ସମ୍ମିଳନୀରେ ଉଦ୍‌ବୋଧନ ଦେବେ ।

## ପି.ଏମ୍. - ଜି.ଡି.ପି.

୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମ ତ୍ରୟମାସରେ ଦେଶର ସାମଗ୍ରିକ ଘରୋଇ ଉତ୍ପାଦ-ଜି.ଡି.ପି.ର ଅଭିବୃଦ୍ଧି ହାର ୭ ଦଶମିକ ୮ ପ୍ରତିଶତ ରହିଛି । ଗତ ଆର୍ଥିକ ବର୍ଷର ଏହି ସମୟରେ ଏହା ୬ ଦଶମିକ ୯ ପ୍ରତିଶତ ଥିଲା । ବିଶ୍ୱ ସ୍ତରରେ ଦେଖାଦେଇଥିବା ବିଭିନ୍ନ ପ୍ରତିବନ୍ଧକ ସତ୍ତ୍ୱେ ଭାରତୀୟ ଅର୍ଥବ୍ୟବସ୍ଥା ଏକ ନିରନ୍ତର ଅଭିବୃଦ୍ଧି ହାସଲ କରିବାରେ ସଫଳ ହୋଇଛି ।

ଚଳିତ ଆର୍ଥିକ ବର୍ଷର ଏପ୍ରିଲ୍‌ରୁ ଜୁନ୍ ପର୍ଯ୍ୟନ୍ତ ପ୍ରଥମ ତ୍ରୟମାସର ଜି.ଡି.ପି. ସମ୍ପର୍କିତ ରିପୋର୍ଟ ଆଜି ସରକାରଙ୍କ ପକ୍ଷରୁ ପ୍ରକାଶ କରାଯାଇଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି' ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୟମାସରେ ଦେଶର ଦୃଷ୍ଟାନ୍ତମୂଳକ ଜି.ଡି.ପି. ଅଭିବୃଦ୍ଧି ହାର ୭ ଦଶମିକ ୮ ପ୍ରତିଶତକୁ ଏକ ବଡ଼ ସଫଳତା ବୋଲି ଅଭିହିତ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦି କହିଛନ୍ତି, ଏହି ସଫଳତା' ସରକାରଙ୍କ ପକ୍ଷରୁ ନିଆଯାଇଥିବା ବିଭିନ୍ନ ଆର୍ଥିକ ସଂସ୍କାରମୂଳକ ପଦକ୍ଷେପ ଓ ଦେଶବାସୀଙ୍କର ଏ କ୍ଷେତ୍ରରେ ସାମୂହିକ ଶକ୍ତିର ପ୍ରତିଫଳନ । ବିଶ୍ୱ ସ୍ତରରେ ତୈଳ କ୍ଷେତ୍ରରେ ଦେଖାଦେଇଥିବା ବିଭିନ୍ନ ପ୍ରତିବନ୍ଧକ, ଯୋଗାଣ ଶୃଙ୍ଖଳ ବାଧାପ୍ରାପ୍ତ ହେବା ସହିତ ବୈଶ୍ୱିକ ଅନିଶ୍ଚିତତା ମଧ୍ୟରେ ଦେଶ ଏହି ସଫଳତା ହାସଲ କରିପାରିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ଅନ୍ୟପକ୍ଷରେ ଜି.ଡି.ପି. ହାରରେ ଏହି ଉଲ୍ଲେଖନୀୟ ସଫଳତା ଦେଶବାସୀଙ୍କର କଠିନ ପରିଶ୍ରମ ଏବଂ ଏ ଦିଗରେ ସରକାରଙ୍କ ସମୟୋଚିତ ପଦକ୍ଷେପ ଲାଗି ସମ୍ଭବ ହୋଇପାରିଛି ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି । ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାର ଦେଶର ସମସ୍ତ ନାଗରିକଙ୍କ ଲାଗି ଅର୍ଥନୈତିକ ସୁଯୋଗ ସମ୍ପ୍ରସାରିତ କରିବା ଦିଗରେ ପ୍ରତିବଦ୍ଧ ବୋଲି ସେ କହିଛନ୍ତି ।

# ବୈଷ୍ଣବ - ସେମିକନ୍ - ୨.୦

ଦେଶରେ ଚିପ୍ ବିନିର୍ମାଣ ଇକୋ-ସିଷ୍ଟମ୍‌କୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ସରକାର ଆଜି ସେମିକନ୍-୨.୦ ଯୋଜନାର ଅଧିସୂଚନା ଜାରି କରିଛନ୍ତି । ଏଥିଲାଗି ୧ ଲକ୍ଷ ୨୭ ହଜାର କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ବୋଲି ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ନୂଆଦିଲ୍ଲୀରେ ଗଣମାଧ୍ୟମକୁ କହିଛନ୍ତି । ଏ ସମ୍ପର୍କରେ ଶ୍ରୀ ବୈଷ୍ଣବ ସୂଚନା ଦେଇ କହିଛନ୍ତି, ଏହି ଯୋଜନା ମାଧ୍ୟମରେ ଆଗାମୀ ଦିନରେ ଭାରତ ବିଶ୍ୱ ସେମିକଣ୍ଡକ୍ଟର ଶିଳ୍ପ ବଜାରରେ ପ୍ରାୟ ୧୦ ପ୍ରତିଶତର ଅଂଶୀଦାର ହୋଇପାରିବ । ଏହାଛଡ଼ା ବିଶ୍ୱ ସେମିକଣ୍ଡକ୍ଟର ମୂଲ୍ୟ ଶୃଙ୍ଖଳରେ ଭାରତ ଏକ ବୃହତ୍ ଭୂମିକା ନିର୍ବାହ କରିବାର ଆଶା କରାଯାଉଛି । ସେ କହିଛନ୍ତି, ଦେଶରେ ୧୦ ବର୍ଷ ମଧ୍ୟରେ ୮୫ ହଜାର ସେମିକଣ୍ଡକ୍ଟର ଇଞ୍ଜିନିୟରଙ୍କୁ ବିକଶିତ କରିବାର ଲକ୍ଷ୍ୟଧାର୍ଯ୍ୟ କରାଯାଇଥିଲା । ମାତ୍ର ଏହି ଲକ୍ଷ ୪ ବର୍ଷ ମଧ୍ୟରେ ସରକାର ହାସଲ କରିବା ସହିତ ଅଧିକ ୧ ଲକ୍ଷ ଇଞ୍ଜିନିୟର ବିକଶିତ କରିବାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି । ସେ କହିଛନ୍ତି, ଆଗାମୀ ଦଶନ୍ଧିଗୁଡ଼ିକରେ ସେମିକଣ୍ଡକ୍ଟର କ୍ଷେତ୍ରରେ ପୁଞ୍ଜିନିବେଶ ଲାଗି ଭାରତ ହିଁ ପ୍ରକୃତ ଦେଶ ବୋଲି ବିଶ୍ୱ ସ୍ତରରେ ଏ କ୍ଷେତ୍ରରେ କାର୍ଯ୍ୟରତ ସମସ୍ତ ପକ୍ଷଙ୍କର ହୃଦ୍‌ବୋଧ ହୋଇଛି । ଭାରତରେ ସେମିକନ୍-୧.୦ ପ୍ରକଳ୍ପର ତ୍ୱରିତ କାର୍ଯ୍ୟକାରିତାକୁ ଦୃଷ୍ଟିରେ ରଖି ବିଶ୍ୱ ସ୍ତରରେ ଏଭଳି ମତ

ପ୍ରକାଶ ପାଇବା ସ୍ୱାଭାବିକ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି । ଦେଶରେ ଏକ୍ଷେତ୍ରରେ ଏକ ସାମଗ୍ରିକ ଇକୋସିଷ୍ଟମ୍ ବିକଶିତ କରାଯାଇପାରିଲେ ଆଗାମୀ ୫୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଭାରତର ସେମିକଣ୍ଡକ୍ଟର ଶିଳ୍ପର ନିରନ୍ତର ଅଭିବୃଦ୍ଧି ସମ୍ଭବ ହୋଇପାରିବ । ଏହାଛଡ଼ା ଦେଶରେ ୫୦ରୁ ୬୦ ହଜାର ପ୍ରତ୍ୟକ୍ଷ ନିଯୁକ୍ତି ମଧ୍ୟ ସୃଷ୍ଟି ହୋଇପାରିବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି । ଦେଶର ଟାଏର-୨ ଓ ଟାଏର-୩ ସହରଗୁଡ଼ିକରୁ ଛାତ୍ରଛାତ୍ରୀମାନେ ଇତିମଧ୍ୟରେ ୨୫୦ରୁ ଅଧିକ ଚିପ୍ ଡିଜାଇନ୍ କରିସାରିଛନ୍ତି । ସେମିକନ୍-୨.୦ ଲାଗି ଭାରତ ସେମିକଣ୍ଡକ୍ଟର ମିଶନର ନୋଡାଲ୍ ସଂସ୍ଥା ଭାବେ କାର୍ଯ୍ୟ କରିବ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

## ପଞ୍ଚ ସମ୍ମିଳନୀ

ବିକଶିତ ଭାରତ ନିଶ୍ଚିତ ରୋଜଗାର ଏବଂ ଆଜିବିକା ଗ୍ରାମୀଣ ମିଶନ-ଭି.ବି.ଜି. ରାମ୍ ଜି ଆଇନ-୨୦୨୫ର ସଫଳ କାର୍ଯ୍ୟକାରିତା ଲାଗି ଦେଶବ୍ୟାପୀ ୧ ହଜାର ୩ ଶହରୁ ଊର୍ଦ୍ଧ୍ୱ ଜିଲ୍ଲାସ୍ତରୀୟ ପଞ୍ଚ ସମ୍ମିଳନୀ ଆୟୋଜିତ ହୋଇଯାଇଛି । ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି । ମନ୍ତ୍ରଣାଳୟ କହିଛି, ଦେଶବ୍ୟାପୀ ଅନୁଷ୍ଠିତ ହୋଇଥିବା ଏହିସବୁ ପଞ୍ଚ ସମ୍ମିଳନୀ ମାଧ୍ୟମରେ ୫ ଲକ୍ଷ ୨୬ ହଜାରରୁ ଊର୍ଦ୍ଧ୍ୱ ପଞ୍ଚାୟତିରାଜ

ପ୍ରତିନିଧି ଓ ଅଧିକାରୀମାନେ ଯୋଗଦେଇ ଏହି ଆଇନର କାର୍ଯ୍ୟକାରିତା ଦିଗରେ ଆବଶ୍ୟକ ପଦକ୍ଷେପ ନେଇଛନ୍ତି । ଭି.ବି.ଜି. ରାମ୍ ଜି ଆଇନର ସଫଳ ରୂପାୟନ ଦିଗରେ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର କର୍ତ୍ତୃପକ୍ଷମାନଙ୍କର ପ୍ରତିବଦ୍ଧତା ଏହାଦ୍ୱାରା ପ୍ରତିଫଳିତ ହେଉଛି । ଆନ୍ଧ୍ରପ୍ରଦେଶ, ଆସାମ, ବିହାର, ଛତିଶଗଡ଼, ଗୋଆ, ଗୁଜରାଟ, ହରିୟାଣା, ହିମାଚଳ ପ୍ରଦେଶ, କର୍ଣ୍ଣାଟକ, କେରଳ ଓ ମିଜୋରାମ ସମେତ ୨୩ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଇତିମଧ୍ୟରେ ଏହି ପଞ୍ଚ ସମ୍ମିଳନୀ ଆୟୋଜନ କରିସାରିଛନ୍ତି ବୋଲି ମନ୍ତ୍ରଣାଳୟ କହିଛି ।

## ରାଜନାଥ - ରିଭ୍ୟୁ

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆସନ୍ତାକାଲି ନୂଆଦିଲ୍ଲୀରେ ୧୬ଟି ପ୍ରତିରକ୍ଷା ରାଷ୍ଟ୍ରାୟତ୍ତ ଉଦ୍ୟୋଗର ବାର୍ଷିକ ପ୍ରଦର୍ଶନର ସମୀକ୍ଷା କରିବେ । ଏ ସମ୍ପର୍କରେ ସୂଚନା ଦେଇ ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି, ପ୍ରତିରକ୍ଷା କ୍ଷେତ୍ରରେ ଏହି ଉଦ୍ୟୋଗଗୁଡ଼ିକ ପକ୍ଷରୁ ବିକଶିତ କରାଯାଇଥିବା ନୂତନ ସ୍ୱଦେଶୀ ଜ୍ଞାନକୌଶଳ ଏବଂ ରପ୍ତାନୀ କାରବାର ବୃଦ୍ଧି ଦିଗରେ ନିଆଯାଇଥିବା ପଦକ୍ଷେପର ସମୀକ୍ଷା କରାଯିବ ।

# ଇଣ୍ଡିଆ-ଜର୍ମାନ ଫୋରମ୍

ଚତୁର୍ଥ ଭାରତ-ଜର୍ମାନ ପରିବେଶଗତ ସମ୍ମିଳନୀ ଆସନ୍ତାକାଲି ନୂଆଦିଲ୍ଲୀରେ ଅନୁଷ୍ଠିତ ହେବ । ଦୁଇଦେଶ ମଧ୍ୟରେ ଜଳବାୟୁ ପରିବର୍ତ୍ତନ ଓ ପରିବେଶ କ୍ଷେତ୍ରରେ ଦ୍ୱିପକ୍ଷୀୟ ସହଯୋଗକୁ ଅଧିକ ସଶକ୍ତ କରିବା ଏବଂ ଏ କ୍ଷେତ୍ରରେ ସମ୍ପୃକ୍ତ ବିଭିନ୍ନ ପକ୍ଷଙ୍କ ମଧ୍ୟରେ ମତ ଆଦାନ ପ୍ରଦାନ କରିବା ହେଉଛି ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ । ଏହି ବୈଠକରେ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ ଏବଂ ତାଙ୍କର ଜର୍ମାନ ପ୍ରତିପକ୍ଷ କାର୍ଷ୍ଟେନ୍ ସ୍ନିଡର୍ ସହ-ଅଧ୍ୟକ୍ଷତା କରିବେ । ଉଭୟ ପକ୍ଷ ପରିବେଶ ସୁରକ୍ଷା ଏବଂ ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ ନୀତି ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରିବେ । ଏହି ଅବସରରେ ଦୁଇଦେଶର ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ କ୍ଷେତ୍ରର ନୀତି ନିର୍ଦ୍ଧାରକ, ଘରୋଇ କ୍ଷେତ୍ରର ପ୍ରତିନିଧି, ବୁଦ୍ଧିଜୀବୀ ଏବଂ ପ୍ରତିପକ୍ଷମାନଙ୍କ ମଧ୍ୟରେ ଦ୍ୱିପକ୍ଷୀୟ ମତ ବିନିମୟ କରାଯିବ ।

# ଟେବୁଲ୍ ଟେନିସ୍

ଜେଟିଆଠାରେ ଚାଲିଥିବା WTT ଫିଡର୍ ଓଲୋମୌକ୍ ଟୁର୍ଣ୍ଣାମେଣ୍ଟରେ ଭାରତୀୟ ଖେଳାଳି ଅଙ୍କୁର ଭଟ୍ଟାଚାର୍ଯ୍ୟ ପ୍ରଥମ ଥରଲାଗି ପୁରୁଷ ସିଙ୍ଗଲ୍ସ

ବର୍ଗର ଟାଇଟଲ୍ ହାସଲ କରିଛନ୍ତି । ଏଥିସହିତ ଅଙ୍କୁର ପୁରୁଷ ଡବଲ୍ସ୍ ବର୍ଗରେ ଆକାଶ ପାଲ୍ଙ୍କ ସହିତ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି ।

## ୟୁ.ଏସ୍. ଓପନ୍

ୟୁ.ଏସ୍. ଓପନ୍ ମହିଳା ଟେନିସ୍ ସିଙ୍ଗଲ୍ସ ବର୍ଗରେ ଭେନସ୍ ୱିଲିୟମ୍ସ ପ୍ରଥମ ପର୍ଯ୍ୟାୟରେ ବିଦାୟ ନେଇଛନ୍ତି । ୪୬ ବର୍ଷ ବୟସ୍କା ଏହି ଆମେରିକୀୟ ଖେଳାଳି ତାଙ୍କ ଦେଶର ସୋଫିଆ କେନିନ୍ଙ୍କଠାରୁ ୬-୨, ୭-୬ ସେଟ୍‌ରେ ପରାସ୍ତ ହୋଇଛନ୍ତି । ୨୦୨୫ ଜୁଲାଇ ମାସରେ ୱାଶିଂଟନ୍‌ଠାରେ ବିଜୟ ପରଠାରୁ ୱିଲିୟମ୍ସ କ୍ରମାଗତ ଭାବେ ୧୫ ଥର ଲାଗି ସିଙ୍ଗଲସ୍ ବର୍ଗରେ ପରାସ୍ତ ହୋଇଛନ୍ତି । ଏଥିସହିତ ୨୦୧୯ରେ ୟୁ.ଏସ୍. ଓପନ୍‌ରେ ତାଙ୍କର ଶେଷ ବିଜୟ ପରଠାରୁ ସେ କ୍ରମାଗତ ଭାବେ ୬ ଥର ଲାଗି ଏହି ଟୁର୍ଣ୍ଣାମେଣ୍ଟର ପ୍ରଥମ ପର୍ଯ୍ୟାୟରେ ବିଦାୟ ନେଇଛନ୍ତି ।

ସେହିଭଳି ଏହି ପ୍ରତିଯୋଗିତାର ପୁରୁଷ ସିଙ୍ଗଲ୍ସ ବର୍ଗରେ ପ୍ରଥମ ଥର ଲାଗି ନୋଭାକ୍ ଜୋକୋଭିକ୍ ପ୍ରଥମ ରାଉଣ୍ଡରେ ପରାସ୍ତ ହୋଇଛନ୍ତି । ନିଉୟର୍କର ଆର୍ଥର ଆସେ ଷ୍ଟାଡିୟମ୍‌ଠାରେ ଖେଳାଯାଇଥିବା ମ୍ୟାଚ୍‌ରେ ଜୋକୋଭିକ୍’ ଆର୍ଜେଣ୍ଟିନାର ମାରିଆନୋ ନାଭୋନିଙ୍କଠାରୁ ପରାସ୍ତ ହୋଇଛନ୍ତି । ଜୀବନର ୨୫ତମ ଟାଇଟଲ୍ ହାସଲ କରିବାକୁ ଲକ୍ଷ୍ୟ ରଖିଥିବା

ଜୋକୋଭିକ୍‌ଙ୍କର ଏହି ପରାଜୟ ସହ ଆଶା ଧୂଳିସାତ ହୋଇଯାଇଛି । ୨୦୦୬ ଅଷ୍ଟ୍ରେଲିଆନ୍ ଓପନ୍ ପରଠାରୁ କୌଣସି ଟୁର୍ଣ୍ଣାମେଣ୍ଟର ପ୍ରାରମ୍ଭିକ ମ୍ୟାଚ୍‌ରେ ଜୋକୋଭିକ୍ ପରାସ୍ତ ହୋଇ ନ ଥିଲେ ।

*****